Roll No. | | | | | | | |

# DAV PUBLIC SCHOOLS, ODISHA ZONE
## Periodic Assessment – II, 2023-24

- Please check that this question paper contains 4 printed pages.
- Check that this question paper contains 14 questions.
- Write down the Serial Number of the question in the left side of the margin before attempting it.

**Class - VIII**

**Sub- Lower Odia**

**Time – 3 hrs.** **F.M – 80**

## General Instruction

The question paper consists of 4 parts
Section A : Reading - 10 Marks
Section B : Writing – 15 Marks
Section C : Grammar – 25 Marks
Section D : Literature – 30 Marks

***ସୂଚନା ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।***

## 'କ' ବିଭାଗ

**1.** ନିମ୍ନ ଅନୁଚ୍ଛେଦଟିକୁ ପାଠ କରି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । 5 x 2 = 10

ଚନ୍ଦ୍ରଯାନ-୩ର ସଫଳତା ଆମ ଦେଶ ପାଇଁ ଅନେକ ଗୌରବ ଆଣିଛି । ସମଗ୍ର ବିଶ୍ୱରୁ ଏଥିପାଇଁ ଆମ ଦେଶକୁ ଯଥେଷ୍ଟ ପ୍ରଶଂସା ମଧ୍ୟ ମିଳିଛି । ଚନ୍ଦ୍ର ପୃଷ୍ଠରେ ଯାନ ପହଞ୍ଚାଇ ସେଠାରୁ ଆମେ ଅନେକ ଜ୍ଞାନ ହାସଲ କରିପାରିବୁ ବୋଲି ଆଶା ରଖିଛୁ । ଏହାଦ୍ୱାରା ସମଗ୍ର ମାନବ ଜାତିର ମଙ୍ଗଳ ହୋଇପାରିବ । ମହାକାଶ ଗବେଷଣା କ୍ଷେତ୍ରରେ ଆମ ଦେଶ ବେଶ୍ କିଛି ବର୍ଷ ହେଲା ଉଦ୍ୟମ କରିଆସୁଛି । ଏଥିପାଇଁ ଅନେକ ବୈଜ୍ଞାନିକ ଦିନରାତି ଏକ କରି କାମରେ ଲାଗି ପଡ଼ିଛନ୍ତି । କେତେକ କ୍ଷେତ୍ରରେ ସେମାନେ ବିଫଳ ହେଉଛନ୍ତି, ମାତ୍ର ହାର୍ ମାନୁନାହାନ୍ତି । ପୁଣି ଥରେ ନୂଆ ଉତ୍ସାହର ସହ କାମରେ ମନପ୍ରାଣ ଦେଇ ଲାଗି ପଡୁଛନ୍ତି । ଏହାଦ୍ୱାରା ପରବର୍ତ୍ତୀ ଅବସ୍ଥାରେ ଆମକୁ ସଫଳତା ମିଳୁଛି । ଆମ ଜୀବନରେ ମଧ୍ୟ ଏହି କଥାର ଗୁରୁତ୍ୱ ରହିଛି । ଆମେ ସହଜରେ ହାର୍ ନ ମାନି କାମରେ ଲାଗି ପଡ଼ିଲେ ଦିନେ ନା ଦିନେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବା । ଆମ କାମ ଦ୍ୱାରା ଅନ୍ୟମାନେ ଉତ୍ସାହିତ ହେବେ । ଆରମ୍ଭ କରିଥିବା କାମକୁ ଅଧାରେ ନ ଛାଡ଼ି ଶେଷ ହେବା ଯାଏ କରିଚାଲିଲେ ସଫଳତା ନିଶ୍ଚୟ ମିଳିବ, ଏଥିରେ ସନ୍ଦେହ ନାହିଁ ।

i. କେଉଁ କାର୍ଯ୍ୟ ପାଇଁ ସମଗ୍ର ବିଶ୍ୱରୁ ଆମକୁ ପ୍ରଶଂସା ମିଳୁଛି ?

ii. ସମଗ୍ର ମାନବ ଜାତିର ମଙ୍ଗଳ କିପରି ହୋଇପାରିବ ?

iii. ନୂଆ ଉତ୍ସାହରେ କିଏ କାମରେ ମନପ୍ରାଣ ଦେଇ ଲାଗି ପଡୁଛନ୍ତି ?

iv. ଆମ ଜୀବନରେ କେଉଁ କଥାର ଗୁରୁତ୍ୱ ରହିଛି ?

v. ଆରମ୍ଭ କରିଥିବା କାମକୁ ଅଧାରେ ନ ଛାଡ଼ି ଶେଷ ଯାଏ କରିଚାଲିଲେ କ'ଣ ମିଳିବ ?

## 'ଖ' ବିଭାଗ

2. ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ। 8

ବୃକ୍ଷରୋପଣ, ତୁମ ପ୍ରିୟ ଖେଳ, ତୁମ ପ୍ରିୟ ମହାପୁରୁଷ

3. ତୁମ ଜନ୍ମଦିନ ଉତ୍ସବକୁ ନିମନ୍ତ୍ରଣ ଜଣାଇ ଜେଜେବାପାଙ୍କ ନିକଟକୁ ପତ୍ର ଲେଖ। 7

କିମ୍ବା

ଭଲ ପାଠ ପଢ଼ିବା ପାଇଁ ପରାମର୍ଶ ଦେଇ ସାନଭଉଣୀ ନିକଟକୁ ପତ୍ର ଲେଖ।

## 'ଗ' ବିଭାଗ

4. ବାକ୍ୟଗଠନ କର (ଯେକୌଣସି 4ଟି ଶବ୍ଦକୁ ନେଇ) 4 x 1 = 4

ନିବାରଣ, ପରାମର୍ଶ, ମିଥ୍ୟାଚାର, ଦୁର୍ମତି, ଅନୁଗତ

5. ବିପରୀତାର୍ଥବୋଧକ ଶବ୍ଦ ଲେଖ। (ଯେକୌଣସି 4ଟିର) 4 x 1 = 4

ଗୌଣ, ଉନ୍ନତ, ତିରୋଧାନ, ସଦ୍‌ଗୁଣ, କନିଷ୍ଠା

6. ଲିଙ୍ଗ ପରିବର୍ତ୍ତନ କର। (ଯେକୌଣସି 4ଟିର) 4 x 1 = 4

କୁମାର, ବୃଦ୍ଧ, ପୁରୁଷ, ବୀର, ରାଜା

7. ଶବ୍ଦଗୁଡ଼ିକର ଅର୍ଥ ଲେଖ (ଯେକୌଣସି 4ଟିର) 4 x 1 = 4

ନିଶାଚର, ଲଉଡ଼ି, ସରି, ବସନ, ଦୁଃସ୍ଥ

8. ସମୋଚ୍ଚାରିତ ଶବ୍ଦର ଭିନ୍ନ ଅର୍ଥ ଲେଖ (ଯେକୌଣସି 3 ଯୋଡ଼ାର) 3 x 1 = 3

| | | | |
|---|---|---|---|
| ବେଶି | କୂଳ | ଗୁଣି | ନିଧନ |
| ବେଶୀ | କୂଳ | ଗୁଣୀ | ନିଧନ |

9. ଗଦ୍ୟରୂପ ଲେଖ। (ଯେକୌଣସି 3ଟିର) 3 x 1 = 3

କରମ, କୀରତି, ନିରିମଳ, ସରଗ

10. ପ୍ରତିଶବ୍ଦ ଲେଖ। (ଯେକୌଣସି 3ଟିର) 3 x 1 = 3

ନୟନ, ଜନନୀ, ନିଆଁ, କଠାଉ

## 'ଘ' ବିଭାଗ

11. ସଂକ୍ଷେପରେ ଉତ୍ତର ଲେଖ। (ଯେକୌଣସି 5ଟିର) 5 x 2 = 10

i. କୈକେୟୀ ଦଶରଥଙ୍କୁ କେଉଁ ଦୁଇଟି ବର ମାଗିଥିଲେ ?

ii. ଦଶରଥ କେଉଁ ପରିସ୍ଥିତିରେ ପ୍ରାଣତ୍ୟାଗ କଲେ ?

iii. ରାମଙ୍କ ବନଗମନ ଖବର ପାଇ ଅଯୋଧ୍ୟାବାସୀ କାହିଁକି କ୍ରନ୍ଦନ କଲେ ?

iv. ହରିହର କେଉଁଠାରେ ଜନ୍ମଲାଭ କରିଥିଲେ ?

v. ନୀଳଗିରି ସ୍କୁଲଟି କାହିଁକି ଭାଙ୍ଗିଗଲା ?

vi. ଛାତ୍ରଜୀବନରେ ହରିହର କେଉଁମାନଙ୍କର ସେବା କରୁଥିଲେ ?

vii. ସନ୍ନ୍ୟାସୀ କାହାକୁ କୁହାଯାଏ ?

12. ସଂକ୍ଷେପରେ ଉତ୍ତର ଲେଖ। (ଯେକୌଣସି 5ଟିର) 5 x 2 = 10

i. ମାତା ଯଶୋଦା କାହିଁକି ଚିନ୍ତିତ ହୋଇ ପଡ଼ିଛନ୍ତି ?

ii. ଶ୍ରୀକୃଷ୍ଣଙ୍କୁ କେଉଁ ଖାଦ୍ୟ ରୁଚୁ ନ ଥିଲା ?

iii. ଶ୍ରୀକୃଷ୍ଣଙ୍କୁ କଳାମାଣିକ ବୋଲି କାହିଁକି କୁହାଯାଇଛି ?

iv. ଧୂଳିମାଟିରେ ପିଲା କ'ଣ ସବୁ ଗଢ଼ିଥାଏ ?

v. ସାରଳା ଦାସ କାହିଁକି ବିଖ୍ୟାତ ?

vi. ମାଆ ପୁଅକୁ କ'ଣ କହି ସମ୍ବୋଧନ କରିଛନ୍ତି ?

vii. ପୁଅକୁ ଲବଣି ପିତୁଳା କହିବାର ଅର୍ଥ କ'ଣ ?

13. ନିର୍ଦ୍ଦିଷ୍ଟ ଉତ୍ତର ବାଛି ଲେଖ। 6 x 1 = 6

i. "କଳାମାଣିକରେ'' କବିତାର କବି କିଏ ?

a. ସାରଳା ଦାସ b. କୁନ୍ତଳା କୁମାରୀ ସାବତ

c. ଅଭିମନ୍ୟୁ ସାମନ୍ତସିଂହାର d. ନନ୍ଦକିଶୋର ବଳ

ii. ଖଣ୍ଡଗିରିରେ କାହାର ଗୁମ୍ଫାସବୁ ଅଛି ?

a. ଖାରବେଳ b. ପୁରୁଷୋତ୍ତମ ଦେବ

c. ଯଯାତିକେଶରୀ d. ମୁକୁନ୍ଦ ଦେବ

iii. ଜଗନ୍ନାଥପୁର କେଉଁଠି ?

a. କୋଣାର୍କ  b. ପୁରୀ  c. ଭୁବନେଶ୍ୱର  d. ବାଲେଶ୍ୱର

iv. ସୁଗ୍ରୀବଙ୍କର ଅନୁଚର କିଏ ଥିଲେ ?

a. ବାଳୀ  b. ଅଙ୍ଗଦ  c. ହନୁମାନ  d. ଲକ୍ଷ୍ମଣ

v. 'ନୟୀ ତାଲିମ୍' ବ୍ୟବସ୍ଥା କିଏ ଆରମ୍ଭ କରିଥିଲେ ?

a. ଆଚାର୍ଯ୍ୟ ହରିହର  b. ମହାତ୍ମାଗାନ୍ଧୀ

c. ବିନୋବା ଭାବେ  d. ପଣ୍ଡିତ ଗୋଦାବରୀଶ

vi. ହଜାରିବାଗ ଏବେ କେଉଁ ରାଜ୍ୟରେ ଅବସ୍ଥିତ ?

a. ବିହାର  b. ଝାଡ଼ଖଣ୍ଡ  c. ଛତିଶଗଡ଼  d. ମଧ୍ୟପ୍ରଦେଶ

14. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 2ଟିର)  2 x 2 = 4

i. ଗରିବ ଚକୁଳିଆ ପଣ୍ଡା ଓ ତା' ମାଆ ଧନୀ ହେଲେ କିପରି ?

ii. ଗଙ୍ଗାମାତା ଚକୁଳିଆ ପଣ୍ଡା ଉପରେ କାହିଁକି ରାଗିଲେ ?

iii. ଚକୁଳିଆ ପଣ୍ଡା ଯେଉଁ ପୋଖରୀ ପାଖରେ ପହଞ୍ଚିଲା, ସେ ପୋଖରୀଟି କିପରି ଥିଲା ?

***

ANNEXURE -A

# DAV PUBLIC SCHOOLS, ODISHA, ZONE

## PA-II (2023-24), SUBJECT : L. ODIA , CLASS : VIII

## BLUE PRINT OF QUESTION PAPER

| Sl No. | Chapters / units | Marks Allotted in Syllabus | LA | SA-II | SA-I | VSA | TOTAL |
|---|---|---|---|---|---|---|---|
| 1 | ଅଜଣା ଅନୁଚ୍ଛେଦ | 10 | | 5 x2 | | | 10 |
| 2 | ରଚନା | 08 | 1x8 | | | | 08 |
| 3 | ପତ୍ର ଲିଖନ | 07 | 1x7 | | | | 07 |
| 4 | ବାକ୍ୟ ଗଠନ | 04 | | | 4x1 | | 04 |
| 5 | ବିପରୀତ ଶବ୍ଦ | 04 | | | 4x1 | | 04 |
| 6 | ଲିଙ୍ଗ ପରିବର୍ତ୍ତନ | 04 | | | 4x1 | | 04 |
| 7 | ଶବ୍ଦାର୍ଥ | 04 | | | 4x1 | | 04 |
| 8 | ଅର୍ଥଗତ ପାର୍ଥକ୍ୟ | 03 | | | 3x1 | | 03 |
| 9 | ଗଦ୍ୟ ରୂପ | 03 | | | 3x1 | | 03 |
| 10 | ପ୍ରତିଶବ୍ଦ | 03 | | | 3x1 | | 03 |
| 11 | ସଂକ୍ଷିପ୍ତ ପ୍ରଶ୍ନ(ଗଦ୍ୟ) | 10 | | 5x2 | | | 10 |
| 12 | ସଂକ୍ଷିପ୍ତ ପ୍ରଶ୍ନ(ପଦ୍ୟ) | 10 | | 5x2 | | | 10 |
| 13 | ବହୁ ବୈକଳ୍ପିକ ପ୍ରଶ୍ନ (ଗଦ୍ୟ ଓ ପଦ୍ୟ ) | 05 | | | | 6x1 | 06 |
| 14 | ଅତିରିକ୍ତ ସାହିତ୍ୟ | 04 | | | 2X2 | | 04 |
| **MARKS** | | 80 | 15 | 30 | 29 | **06** | **80** |

ANNEXURE -B

# DAV PUBLIC SCHOOLS, ODISHA, ZONE

## PA-II (2023-24), SUBJECT : L. ODIA , CLASS : VIII

## QUESTION WISE ANALYSIS

| Qn No. | Chapters / units | Forms of Question – (LA , SA-II, SA-I, VSA) | Marks Allotted | (R), (U), (A), (H), (E) |
|---|---|---|---|---|
| 1 | ଅଜଣା ଅନୁଚ୍ଛେଦ | SA-II | 10 | U |
| 2 | ରଚନା | LA | 08 | A |
| 3 | ପତ୍ର ଲିଖନ | LA | 07 | A |
| 4 | ବାକ୍ୟ ଗଠନ | VSA | 04 | U/R |
| 5 | ବିପରୀତ ଶବ୍ଦ | VSA | 04 | U/R |
| 6 | ଲିଙ୍ଗ ପରିବର୍ତ୍ତନ | VSA | 04 | U/R |
| 7 | ଶବ୍ଦାର୍ଥ | VSA | 04 | U/R |
| 8 | ଅର୍ଥଗତ ପାର୍ଥକ୍ୟ | VSA | 03 | U/R |
| 9 | ଗଦ୍ୟ ରୂପ | VSA | 03 | U/R |
| 10 | ପ୍ରତିଶବ୍ଦ | VSA | 03 | U/R |
| 11 | ସଂକ୍ଷିପ୍ତ ପ୍ରଶ୍ନ(ଗଦ୍ୟ) | SA | 10 | U/R |
| 12 | ସଂକ୍ଷିପ୍ତ ପ୍ରଶ୍ନ(ପଦ୍ୟ) | | 10 | U/R |
| 13 | ବହୁ ବୈକଳ୍ପିକ ପ୍ରଶ୍ନ (ଗଦ୍ୟ ଓ ପଦ୍ୟ ) | | 06 | E |
| 14 | ଅତିରିକ୍ତ ସାହିତ୍ୟ | SA-II | 04 | U/R |

**Subject :** L **ODIA** **Class :**VIII **Full Mark :** 80 **Nos. of Questions :**14

**As per the syllabus the typology of question are as follows:**

**R** → Remembering 40 % of 80 marks : (32 MARKS )

**U** → Understanding 31.25 % of 80 marks : (25 MARKS )

**A** → Application 18.75 % of 80 marks : (15 MARKS)

**E** → Evaluation 10 % of 80 marks : (08 MARKS)

| | ANNEXURE –C |
|---|---|

# DAV PUBLIC SCHOOLS, ODISHA ZONE

## PA-II(2023-24) , SUBJECT : L. ODIA , CLASS : VIII

## MARKING SCHEME

| QSTN NO | VALUE POINTS | MARKS ALLOTTED | PAGE NO. OF NCERT TEXT BOOK |
|---|---|---|---|
| 1 | i. ଚନ୍ଦ୍ରଯାନ-୩ର ସଫଳତା ନିମନ୍ତେ<br>ii. ଚନ୍ଦ୍ରଯାନରୁ ମିଳୁଥିବା ଜ୍ଞାନର ପ୍ରୟୋଗ ଜରିଆରେ<br>iii. ଅନେକ ବୈଜ୍ଞାନିକ ବିଫଳତାରେ ହାର ନ ମାନି<br>iv. ବିଫଳତା ପରେ ପରେ ସଫଳତା ଆସିଥାଏ, ନୂଆ ଉତ୍ସାହର ସହ କାମ କରିବା<br>v. ସଫଳତା ନିଶ୍ଚୟ ମିଳିବ, ଏଥିରେ ସନ୍ଦେହ ନାହିଁ | 5 x 2 = 10 | N.A. |
| 2 | ଉପକ୍ରମ-2, ବର୍ଣ୍ଣନା-4, ଉପସଂହାର-2, | 8 | N.A. |
| 3 | ସମ୍ବୋଧନ-1, ବିଷୟବସ୍ତୁ-4, ଠିକଣା-2, | 7 | N.A. |
| 4 | ସାର୍ଥକ ବାକ୍ୟ ଲେଖାଥିଲେ ପୂରା 4 ନମ୍ବର ଦିଆଯିବ। | 4 x 1=4 | T.B.Q. |
| 5 | ମୁଖ୍ୟ, ଅନୁନ୍ନତ, ଆବିର୍ଭାବ, ବଦ୍‌ଗୁଣ, ଜ୍ୟେଷ୍ଠା | 4 x 1=4 | T.B.Q. |
| 6 | କୁମାରୀ, ବୃଦ୍ଧା, ନାରୀ, ବୀରା, ରାଣୀ | 4 x 1=4 | T.B.Q. |
| 7 | ରାକ୍ଷସ, ବାଡ଼ି, ସମାନ, ବସ୍ତ୍ର, ଗରିବ | 4 x 1=4 | T.B.Q. |
| 8 | ଅଧିକ - ବେଶଧାରୀ, ବଂଶ - ତଟଦେଶ<br>ତନ୍ତ୍ରବିଦ୍ୟା - ଜ୍ଞାନୀଲୋକ, ଧନହୀନ - ମୃତ୍ୟୁ | 3 x 1 = 3 | T.B.Q. |
| 9 | କର୍ମ, କୀର୍ତ୍ତି, ନିର୍ମଳ, ସ୍ୱର୍ଗ | 3 x 1 = 3 | T.B.Q. |
| 10 | ଚକ୍ଷୁ, ମାତା, ଅଗ୍ନି, ଜୋତା | 3 x 1 = 3 | T.B.Q. |

| | | | |
|---|---|---|---|
| 11 | i. ଭରତ ରାଜା ହେବେ ଓ ରାମ ଚଉଦବର୍ଷ ବନବାସ ଯିବେ<br>ii. ପ୍ରାଣାଧିକ ପୁତ୍ରକୁ ଝୁରି ଝୁରି ଦୁଃଖରେ ପ୍ରାଣତ୍ୟାଗ କଲେ<br>iii. ରାମଙ୍କ ପରି ସଦ୍‌ଗୁଣ ଥିବା ବ୍ୟକ୍ତି ରାଜା ହୋଇ ନ ପାରିବାର ଦୁଃଖରେ<br>iv. ସାକ୍ଷୀଗୋପାଳ ମନ୍ଦିର ନିକଟରେ ଥିବା ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ<br>v. ସ୍କୁଲରେ ଜାତୀୟ ଆନ୍ଦୋଳନ ଚାଲୁଥିବାର ଖବର ପଲିଟିକାଲ୍ ଏଜେଣ୍ଟଙ୍କ ଠାରୁ ପାଇ ସରକାରଙ୍କ ପରାମର୍ଶରେ ସ୍କୁଲ୍ ଭାଙ୍ଗି ଦିଆଗଲା<br>vi. ନିଜ ଗାଁ ଓ ଆଖପାଖରେ ଗରିବ ଲୋକମାନଙ୍କର<br>vii. ସଦାଚାର ପାଳନ କରି ଦୁଃଖୀ ରଙ୍କିଙ୍କ ସେବା ନିଃସ୍ୱାର୍ଥପର ଭାବରେ କରିବା ସନ୍ନ୍ୟାସୀର ଧର୍ମ | 5 x 2 = 10 | T.B.Q. |
| 12 | i. ବନସ୍ତରୁ ଫେରିବାରେ କୃଷ୍ଣଙ୍କର ବିଳମ୍ବ ହେବାରୁ<br>ii. ସର, ଅଧାମ, ଲବଣି ଆଦି ସୁସ୍ୱାଦୁ ଖାଦ୍ୟ<br>iii. ରଙ୍ଗରେ କଳା, ଅଥଚ ମାଣିକ ପରି ମୂଲ୍ୟବାନ ହୋଇଥିବାରୁ<br>iv. ପଶୁପକ୍ଷୀ, ଦେବତା, ଦେଉଳ ଆଦି<br>v. ସାରଳା ମହାଭାରତର ସ୍ରଷ୍ଟା, ଆଦିକବି<br>vi. ବାପ, ଗଣ୍ଠିଧନ, ଲବଣିପିତୁଳା, ବାବୁ<br>vii. ଲବଣି ପରି କୋମଳ ବା ନରମ ହୋଇଥିବାରୁ | 5 x 2 = 10 | T.B.Q. |
| 13 | i. c) ଅଭିମନ୍ୟୁ ସାମନ୍ତସିଂହାର<br>ii. a) ଖାରବେଳ<br>iii. b) ପୁରୀ<br>iv. c) ହନୁମାନ<br>v. b) ମହାତ୍ମାଗାନ୍ଧୀ | 6 x 1 =6 | T.B.Q. |

| | | | |
|---|---|---|---|
| | vi. b) ଝାଡ଼ଖଣ୍ଡ | | |
| 14 | i. ଗଙ୍ଗା ମାତାଙ୍କର କରୁଣା ଲାଭ କରି<br><br>ii. କାମ ନକରି ମାଗଣା ଖାଇବାକୁ ଅଭ୍ୟାସରେ ପରିଣତ କରିଦେବାରୁ<br>iii. କଳାଭଅଁର ଭଳି ପାଣି, ଶଙ୍ଖ ମଲମଲ ପଥରର ପାହାଚ, ଉତ୍ତମ ସୁନ୍ଦର ପଦ୍ମପୋଖରୀ | 2 x 2 = 4 | T.B.Q. |

*** ସର୍ବାଧିକ ନମ୍ବର 80/80**